# ପ୍ରଶାସନ ଲୋକଙ୍କ ନିକଟତର, ବିଶ୍ୱାସଭାଜନ ହେବା ଜରୁରୀ

ଢେଙ୍କାନାଳ,୨।୧୧(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ସଦଭାବନା ଗୃହରେ ଶନିବାର ଅପରାହ୍ନ ୩ଟାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରିଥିଲେ । ଏହି ଅବସରରେ ଏମପି ରୁଦ୍ର ନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳ ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଏହାର ଅଗ୍ରଗତି ସମ୍ପର୍କରେ ପିପିଟି ମାଧ୍ୟମରେ ଜିଲାପାଳ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଢେଙ୍କାନାଳ ଜିଲା ଆକାଂକ୍ଷା ଜିଲା ହୋଇଥିବାରୁ ଏହି ଜିଲାରେ ଭିନ୍ନ ଭିନ୍ନ ଯୋଜନା ସ୍ୱତନ୍ତ୍ର ରୂପେ କରାଯାଉଛି। ଏହିସବୁ ଯୋଜନା ସମ୍ପର୍କରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ପ୍ରଥମେ ସେ କୃଷି ବିଭାଗର ସମୀକ୍ଷା କରି କେତେ ଜମିରେ ଚାଷକାମ କରାଯାଉଛି ଓ କେତେ ଜମି ପଡିଆ ପଡୁଛି, ତାହା ପଚାରି ବୁଝିଥିଲେ। ଜିଲାରେ ୬୬ପ୍ରତିଶତ ଚାଷ ଜମିରେ ଜଳସେଚନର ସୁବିଧା ରହିଛି ବୋଲି ଅବଗତ ହୋଇଥିଲେ । ଢେଙ୍କାନାଳ ଆମ୍ବର ଚାହିଦା ରାଜ୍ୟ ଏବଂ ଦେଶ ବାହାରେ ବୃଦ୍ଧି ହେଉଥିବାରୁ ଆମ୍ବର ଉତ୍ପାଦନ ବୃଦ୍ଧି କରିବାକୁ କହିଥିଲେ। ଶିକ୍ଷା ବିଭାଗର ସମୀକ୍ଷା କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଜିଲାର ଶିକ୍ଷା ଭିତ୍ତିଭୂମି ସମ୍ପର୍କରେ ବୁଝିବା ସହ ଯେଭଳି କୌଣସି ପିଲା ଅଧାରୁ ସ୍କୁଲ ନ ଛାଡନ୍ତୁ, ସେ ବିଷୟରେ ଧ୍ୟାନ ଦେବାକୁ କହିଥିଲେ। ଶିକ୍ଷା ହିଁ ସଫଳତାର ଚାବିକାଠି ବୋଲି କହିବା ସହିତ ପ୍ରଶାସନ ଓ ସରକାର ଯେଭଳି ପିଲାଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯିବ, ସେ ସମ୍ପର୍କରେ ଯତ୍ନବାନ ହେବାକୁ କହିଥିଲେ। ଏଥିସହିତ ଜିଲାର ପିଏମ୍‌ଶ୍ରୀ ବିଦ୍ୟାଳୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ । କୌଶଳ ବିକାଶ କ୍ଷେତ୍ରରେ କିଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଦ୍ୱାରା ପିଲାମାନେ କୁଶଳୀ ହେବା ସହ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ ସେ ବିଷୟରେ ଆଲୋଚନା କରିଥିଲେ । ସେହିପରି ଶିଳ୍ପ, ପର୍ଯ୍ୟଟନ ଆଦି ବିଭାଗର ସମୀକ୍ଷା କରିବା ସହିତ ପ୍ରଶାସନ କିଭଳି ସାଧାରଣ ଲୋକଙ୍କର ଅଧିକ ନିକଟତର ହେବ ଓ ବିଶ୍ୱାସଭାଜନ ହେବ ସେ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ। ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପାନୀୟଜଳ ଓ ପଞ୍ଚାୟତିରାଜ ବିଭାଗର ସମୀକ୍ଷା କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ରାସ୍ତାଘାଟ ଯେପରି ଠିକ୍ ରହିବ, ଲୋକମାନେ ଯେପରି ବିଶୁଦ୍ଧ ପାନୀୟଜଳ ପାଇବେ, ଗ୍ରାମୀଣ ଆବାସ ଏବଂ ସହରାଞ୍ଚଳ ଆବାସ ଯୋଜନାରେ କିପରି ଯୋଗ୍ୟ ହିତାଧିକାରୀ ଲାଭ ପାଇବେ, ସେ ସମ୍ପର୍କରେ ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା କରି ଜିଲା ମୁଖ୍ୟ ଚିକିତ୍ସାଳୟର ଶଯ୍ୟାସଂଖ୍ୟା ବୃଦ୍ଧି କରାଯାଇ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଲେ ଯେ, ଭାରତୀୟ ଜନତା ପାର୍ଟି ନେତୃତ୍ୱରେ ନୂଆ ସରକାର ଆସିଛି। ଜନକଲ୍ୟାଣକାରୀ ଯୋଜନା ମଧ୍ୟରେ 'ସୁଭଦ୍ରା' ହେଉ, ସହରାଞ୍ଚଳ କିମ୍ବା ଗ୍ରାମାଞ୍ଚଳ ଆବାସ ଯୋଜନା ହେଉ ଢେଙ୍କାନାଳ ଜିଲାରେ କିଭଳି କାର୍ଯ୍ୟକାରୀ ହେଉଛି, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତରାଜ ବିଭାଗ ଓ ଜାତୀୟ ରାଜପଥର ସ୍ଥିତି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଭିତ୍ତିଭୂମି ଆଦି ସମ୍ପର୍କରେ ଜିଲାପାଳ ସବିଶେଷ ତଥ୍ୟ ଆମକୁ ପ୍ରଦାନ କରିଥିଲେ। ଜିଲାରେ ଜନହିତକର ଯୋଜନାର କାର୍ଯ୍ୟ ଖୁବ ଭଲ ଚାଲିଛି। ଜିଲାପାଳଙ୍କ ନେତୃତ୍ୱରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହିତ ହୋଇ ସମସ୍ତ କାର୍ଯ୍ୟର ସଫଳ ରୂପାୟନ ଦେଉଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ। ଏହି ସମୀକ୍ଷା ବୈଠକରେ ଜିଲାର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ସରକାରୀ ଯୋଜନାର ସମୀକ୍ଷା କରୁଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ।

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ସରକାରୀ ଯୋଜନାର ସମୀକ୍ଷା

# ତପୋବନ ମେଳା ଆୟୋଜନ ପ୍ରସ୍ତୁତି ବୈଠକ



ଢେଙ୍କାନାଳ,୨।୧୧(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଶନିବାର ତପୋବନ ମେଳା ଆୟୋଜନ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ମହିମା ତପୋବନ ମେଳାକୁ ସରସ ସୁନ୍ଦର କରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳନ କରିବା ପାଇଁ ଅତିରିକ୍ତ ଜିଲାପାଳ ଆହ୍ୱାନ କରିଥିଲେ । ବୈଠକରେ କୌପୀନଧାରୀ ମହିମା ସମାଜର ସଭାପତି ବାବା ରଘୁନାଥ ଦାସ, ସୁଶାନ୍ତ ବାବା, କରୁଣାକର ବାବା, ଦେବେନ୍ଦ୍ର ବାବା, କ୍ଷେତ୍ରବାସୀ ବାବା, ଜ୍ଞାନୀ ବାବା, ମହିମା ଜ୍ୟୋତି ସଂଯୋଜକ ପ୍ରଦ୍ୟୁମ୍ନ ପ୍ରସାଦ ରଥ, ସମ୍ପାଦକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଉପଜିଲାପାଳ ବିବୁଧ ଗଡନାୟକ ସହ ମେଳା ସମ୍ପର୍କରେ ଆଲୋଚନା କରିଥିଲେ । ମେଳାରେ ଆଇନଶୃଙ୍ଖଳା ରକ୍ଷା, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ପାନିୟଜଳ ଓ ପରିମଳ ବ୍ୟବସ୍ଥା, ଅସ୍ଥାୟୀ ଶୌଚାଳୟ ସ୍ଥାପନ, ଆଲୋକିକରଣ, ସାପ ଉଦ୍ଧାର, ଆସ୍ଥାୟୀ ଆଶ୍ରୟ ସ୍ଥଳ, ଯାତାୟତ ନିମନ୍ତେ ରାସ୍ତାର ଆବଶ୍ୟକ ମରାମତି, ରାସ୍ତାସଫା, ଯାନବାହାନ ପାର୍କିଂ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା ।

# ଇସ୍କନ ପକ୍ଷରୁ ଗୋବର୍ଦ୍ଧନ ପୂଜା ସମାରୋହ



ଢେଙ୍କାନାଳ,୨।୧୧(ରତନ ନାୟାର)

ଢେଙ୍କାନାଳ ଇସ୍କନ ଶାଖା ପକ୍ଷରୁ ଶନିବାର ଗିରି ଗୋବର୍ଦ୍ଧନା ପୂଜା ଓ ଗୋ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣକାଳୀ ରୋଡ ନିକଟସ୍ଥ ଇସ୍କନ ମନ୍ଦିରଠାରେ ଏହି ଅବସରରେ ଭୋର ସାଢେ ୪ଟାରେ ଶ୍ରୀଗୋବର୍ଦ୍ଧନ ଶୀଳାଙ୍କର ମଙ୍ଗଳ ଆଳତୀ ସହ ସକାଳ ସାଢେ ୭ଟାରେ ଦର୍ଶନ ଆରତୀ ଅନୁଷ୍ଠିତ ହୋଇଥିଲା। ପରେ ବାଲ୍ୟଭୋଗ ନିବେଦନ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ସାଢେ ୧୧ଟାରୁ ଢେଙ୍କାନାଳ ଇସ୍କନ ଶାଖା ମୁଖ୍ୟ ପ୍ରେମ କିଶୋର ଦାସ ଗୋବର୍ଦ୍ଧନ କଥା ପ୍ରବଚନ କାର୍ଯ୍ୟକ୍ରମକୁ ପ୍ରାରମ୍ଭ କରିଥିଲେ । ମଧ୍ୟାହ୍ନ ସାଢେ ୧୨ଟା ସମୟରେ ଗୋବର୍ଦ୍ଧନ ଶୀଳାଙ୍କ ମହାସ୍ନାନ, ପଞ୍ଚାମୃତ ସ୍ନାନ ସହ ଅଭିଷେକ ଅନୁଷ୍ଠିତ ହୋଇଥିଲା। ଏହାପରେ ଭଗବାନଙ୍କ ନିକଟରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରକାର ବ୍ୟଞ୍ଜନ ଭୋଗରୂପେ ନିବେଦନ କରାଗଲା । ଅନ୍ନର ଏକ ପର୍ବତ ସଦୃଶ ଅନ୍ନକୁଟ ନିର୍ମାଣ କରାଯାଇ ଗୋବର୍ଦ୍ଧନଙ୍କୁ ନିବେଦନ କରାଯାଇଥିଲା, ଯାହାଏକ ବିଶେଷ ଆକର୍ଷଣ ଥିଲା । ଭକ୍ତଙ୍କ ଦ୍ୱାରା ଗିରିରାଜ ଧରଣର ଏକ ମୃଣ୍ମୟ ମୂର୍ତ୍ତି ପ୍ରଦର୍ଶିତ ହୋଇଥିଲା । ଅଭିଷେକ ପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଆରତୀ ଆସର ହୋଇଥିଲା । କୀର୍ତ୍ତନ ଓ ଭଜନରେ ଭକ୍ତସମୂହ ଭଗବାନଙ୍କ ନିକଟରେ ଉଦଣ୍ଡ ନୃତ୍ୟ କୀର୍ତ୍ତନ କରିଥିଲେ। ଏହାପରେ ମହାପ୍ରସାଦ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ।

# ନିଜକୁ ଦୁର୍ନୀତିମୁକ୍ତ ରଖି ଉଦାହରଣ ସୃଷ୍ଟି କରିବାକୁ ଆହ୍ୱାନ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଢେଙ୍କାନାଳ,୨।୧୧(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ସଦଭାବନା ଗୃହ ପରିସରରେ ଶନିବାର ପୂର୍ବାହ୍ନରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଏକ ସଭା ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସତ୍ୟନିଷ୍ଠ ହୋଇ କାର୍ଯ୍ୟକଲେ ରାଷ୍ଟ୍ରର ବିକାଶକୁ ତ୍ୱରାନ୍ୱିତ କରିବ । ଆତ୍ମ ସମୀକ୍ଷା କରି ସଚେତନ ହେବା ସହିତ ନିଜକୁ ଦୁର୍ନୀତିମୁକ୍ତ ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ । ଅବସରପ୍ରାପ୍ତ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦାୟିତ୍ୱଠାରୁ ଦୂରେଇ ନଯାଇ ନିଜ ଓ ସମାଜର ପ୍ରକୃତ ବିକାଶ ପ୍ରତି ଯତ୍ନବାନ ହୁଅ । ସତମାର୍ଗରେ ରହି କାର୍ଯ୍ୟକଲେ ଦୁର୍ନୀତିମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଭିଜିଲାନ୍ସ ଏସ୍‌ପି ଅକ୍ଷୟ କୁମାର ସାହୁ, ଦୁର୍ନୀତିମୁକ୍ତ ଜୀବନ ସମାଜରେ ଆତ୍ମସମ୍ମାନ ଓ ପ୍ରତିଷ୍ଠା ଆଣିଥାଏ। ଦୁର୍ନୀତିର ମୂଳୋତ୍ପାଟନ କରିବା ପାଇଁ ଉଚିତ ଦଣ୍ଡ ପ୍ରଦାନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିକ୍ଷାବିତ ପ୍ରଦ୍ୟୁମ୍ନ ରଥ, ଅମୀୟ ଚାନ୍ଦ କହିଲେ, ସାଧାରଣ ଓ ବ୍ୟକ୍ତିଗତ ଜୀବନରେ ସ୍ୱଚ୍ଛତା ଓ ସତ୍ୟନିଷ୍ଠା ପରିଚୟ ବୋଲି କହିଥିଲେ । ଢେଙ୍କାନାଳ ଭିଜିଲାନ୍ସ ଡିଏସ୍‌ପି ଅନସୂୟା ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରି ଭିଜିଲାନ୍ସ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟସ୍ତରୀୟ ଆୟୋଜିତ ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ସରକାରୀ ଯୋଜନାରୁ ବଞ୍ଚିତ ବାଳବତୀ



ପରଜଙ୍ଗ, ୧।୧୧ (ନିଗମାନନ୍ଦ ଦଳବେହେରା)

ଦେଶ ସ୍ୱାଧୀନତାର ୭୭ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ଅଧିକାଂଶ ପରିବାର ଦୁଃଖ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଛନ୍ତି । ଏପରି ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ପିତିରି ପଞ୍ଚାୟତ ପଡିଆଭଙ୍ଗା ଗ୍ରାମରେ। ଏହି ଗ୍ରାମରେ ୮୪ ବର୍ଷ ବୟସ୍କା ବାଳବତୀ ବିଶ୍ୱାଳ ରହୁଛନ୍ତି, ଯାହାକୁ ଦେଖିଲେ ସମସ୍ତେ ଧୈର୍ଯ୍ୟହରା ହୋଇଯିବେ। ଜୀବନର ଶେଷ ସମୟରେ ସାହା ଭରସା ସାଜିଛି ନବନିର୍ମିତ ଗୋଷ୍ଠୀକେନ୍ଦ୍ରର କାନ୍ଥ, ଯେଉଁ ଗୋଷ୍ଠୀକେନ୍ଦ୍ର ନିର୍ମାଣର ବିଲ୍ ଆଜିଯାଏଁ ଠିକାଦାର ପାଇନାହାନ୍ତି। ସେହି ଗୋଷ୍ଠୀକେନ୍ଦ୍ରର କାନ୍ଥରେ କାଠଡେରି ବରଡ଼ା ଥାପି ୨ ବର୍ଷ ହେଲା ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି ବାଳବତୀ। ବୟସ ୮୪ ହୋଇଯାଇଥିଲେ ବି ସରକାର ଦେଉଥିବା ଭତ୍ତା ୩ ହଜାର ଟଙ୍କାରୁ ପାଉଛନ୍ତି ମାତ୍ର ୧ ହଜାର ଟଙ୍କା। ଆବାସ ଯୋଜନାରେ ନାମ ଥାଇ ଦିଆଯାଉନାହିଁ କାହିଁକି ଘର ଟିଏ, ତାହା ବି ଆଜି ପ୍ରଶ୍ନବାଚୀ ହୋଇରହିଛି। କିଛିଦିନ ତଳେ ଘଟିଯାଇଥିବା ବାତ୍ୟା 'ଦାନା'ରେ ବି ଦାନା ମୁଠାଏ ବାଳବତୀକୁ ଦେଇପାରିଲାନି ପ୍ରଶାସନ। ତେବେ ବୁଦ୍ଧିଜୀବୀଙ୍କ ଗୋଟିଏ ପ୍ରଶ୍ନ ମୌଳିକ ସୁବିଧାରୁ ବଞ୍ଚିତ ବାଳବତୀର ଏ ଅବସ୍ଥା ପାଇଁ ଦାୟୀ କିଏ? ୨୪ ବର୍ଷ ଶାସନ କରିଯାଇଥିବା ବିଜେଡି ସରକାର ନା ଓଡ଼ିଶାରେ ବର୍ତ୍ତମାନ ଶାସନ ଥିବା ଭାଜପା ସରକାର? ଏ ବିଷୟରେ ବିଡ଼ିଓ ସଞ୍ଜୟ କୁମାର ପଣ୍ଡା କହିଛନ୍ତି, ୩୦୦୦ ଟଙ୍କା ଭତ୍ତା ପାଇଁ ନିର୍ଦ୍ଦେଶ ଆସିନାହିଁ, ତେବେ ପିଇଓଙ୍କୁ କହିବି ଭୋଟର ଲିଷ୍ଟ ଦେଲେ ସେଥିରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ୧୨୦୦ ଟଙ୍କା ଦିଆଯିବ। ତା' ସହିତ ଘର ଟାର୍ଗେଟ ଆସିଲେ ଦିଆଯିବ ବୋଲି କହିଛନ୍ତି।

### ଏକମାତ୍ର ଭରସା ଗୋଷ୍ଠୀକେନ୍ଦ୍ରର ବାହାର କାନ୍ଥ

# କେନ୍ଦ୍ରମନ୍ତ୍ରୀଙ୍କୁ ଢେଙ୍କାନାଳରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



ଢେଙ୍କାନାଳ,୨।୧୧(ରତନ ନାୟାର)

ଢେଙ୍କାନାଳ ଜିଲାକୁ ଶନିବାର ଏକ ଦିନିକିଆ ଗସ୍ତରେ ଆସି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଦାନ ସହରସ୍ଥିତ ସର୍କିଟ ହାଉସଠାରେ ପହଁଚିବା ପରେ ଢେଙ୍କାନାଳ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ କେନ୍ଦ୍ର ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ସୁନିଲ ଶର୍ମା, ନବକିଶୋର ଗୁରୁ, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ଶିବ ପ୍ରସାଦ ସାହୁ, ଇତିଶ୍ରୀ ସାହୁ, ରାସବିହାରୀ ବେହେରା, ରତିକାନ୍ତ ସାହୁ, ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ ମହାନ୍ତି, କୋଦଣ୍ଡଧର ସାହୁ, ସୁରେଶ ପାଣିଗ୍ରାହୀ, ସରୋଜ ପଟ୍ଟନାୟକ, ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ପ୍ରମୋଦ ନନ୍ଦ, ଯଶୋବନ୍ତ ମହିମା, ପ୍ରଶାନ୍ତ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ କେନ୍ଦ୍ର ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ

# ସୁସାହିତ୍ୟିକ ଦୁର୍ଯ୍ୟୋଧନ ମହାଳିକଙ୍କ ପରଲୋକ

ଢେଙ୍କାନାଳ,୨।୧୧(ରତନ ନାୟାର)



ଢେଙ୍କାନାଳ ଲେଖକ ସଂସଦର ଆଜୀବନ ସଦସ୍ୟ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ମାଟିର ଯୋଗ୍ୟ ସନ୍ତାନ ସୁସାହିତ୍ୟିକ ଦୁର୍ଯ୍ୟୋଧନ ମହାଳିକଙ୍କର ଶନିବାର ଭୋର ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ଢେଙ୍କାନାଳ ଜିଲାର ଧଳପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ, ରାଧାଦେଇପୁର ଓ ପିଙ୍ଗୁଆ ବିଦ୍ୟାଳୟରେ ଜଣେ ନିଷ୍ଠାବାନ ଶିକ୍ଷକ ଭାବେ ସୁପ୍ରତିଷ୍ଠା ଲାଭ କରିଥିଲେ। ସେ ଲେଖକ ସଂସଦର ପ୍ରତିଷ୍ଠାତା ସଦସ୍ୟ ସହିତ ୫ଟି ପୁସ୍ତକର ସ୍ରଷ୍ଟା ଥିଲେ । ତାଙ୍କ ବିୟୋଗରେ ଲେଖକ ସଂସଦର ସଭାପତି ବସନ୍ତ ପଟ୍ଟନାୟକ, ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ, ଗୋଲଖ ବିହାରୀ ବେହେରା, ବୈକୁଣ୍ଠ ବିହାରୀ ବେହେରା, ପ୍ରତାପଚନ୍ଦ୍ର ପତି, ରବି ନାରାୟଣ ପଟ୍ଟନାୟକ, ପ୍ରକାଶ ପଟ୍ଟନାୟକ, ପ୍ରଦ୍ୟୁମ୍ନ ମହାନ୍ତି, ପ୍ରଭାତ ନଳିନୀ ଦାଶ ପ୍ରମୁଖ ସଦସ୍ୟମାନେ ତାଙ୍କର ସ୍ମୃତିଚାରଣ କରିବା ସହିତ ଶୋକବ୍ୟକ୍ତ କରିଛନ୍ତି ।

# ଜୀବନ ନିଜ ପାଇଁ ନୁହେଁ, ସମୂହ ପାଇଁ ବୋଲି ବୁଝିବାକୁ ହେବ

### ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ଢେଙ୍କାନାଳ,୨।୧୧(ରତନ ନାୟାର)



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲାପାଳ, ଏସ୍‌ପି ଓ ଏଡିଇଓ ପ୍ରମୁଖ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ ଜିଲା ସଦର ବ୍ଲକ ମଙ୍ଗଳପୁର ଗ୍ରାମ ପଞ୍ଚାୟତର ସତ୍ୟବାଦୀ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଉଦଘାଟନ କରିବା ସହ କହିଲେ ଯେ, ଢେଙ୍କାନାଳ ମାଟିର ସୁଯୋଗ୍ୟ ସନ୍ତାନ ଶହୀଦ ବାଜି ରାଉତ ସ୍ୱାଧୀନତାକୁ ଭଲ ଭାବରେ ବୁଝିଥିବା କାରଣରୁ ବ୍ରିଟିଶମାନଙ୍କୁ ନଦୀ ପାର କରାଇ ନ ଥିଲେ। ଏଥିରେ ମୂଳ ବିଷୟ ଥିଲା ଦେଶ ପ୍ରେମ। ଏହି ଆଧାରରେ ପିଲାମାନଙ୍କୁ ମୂଳଲକ୍ଷ୍ୟ ସହ ଯୋଡ଼ିବାକୁ ପଡ଼ିବ। ସ୍କୁଲ ଶିକ୍ଷା ସହ ଯୋଜନା କରି ପିଲାମାନଙ୍କ ଜ୍ଞାନର ବିକାଶ ଓ ବ୍ୟକ୍ତିତ୍ୱ ଚରିତ୍ର ଗଠନ ଦାୟିତ୍ୱ ନେବାକୁ ପଡ଼ିବ। ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ବର୍ଷ ପୂରଣ କରିବ। ବୈଷ୍ଣବ ଚରଣ ପଟ୍ଟନାୟକ, ଶହୀଦ ବାଜି ରାଉତ, ମହେଶ ଚନ୍ଦ୍ର ସୁବାହୁସିଂହ, ସାରଙ୍ଗଧର ଦାସ ଓ ମୂଷା ମଲିକଙ୍କ ପରି ନେତୃତ୍ୱଙ୍କ ବିଚାରରେ ଦେଶ ସେବାରେ ବ୍ରତୀ ହୋଇ ୨୦୩୬ ଓ ୨୦୪୭ ସୁଦ୍ଧା ବୈଷୟିକ ନାଗରିକଙ୍କ କଲ୍ୟାଣ ପାଇଁ ଏବେଠାରୁ ନିଜର ଦାୟିତ୍ୱ ନିର୍ବାହ କରିବାକୁ ସେ ଅପିଲ କରିଥିଲେ। ସେ ଆହୁରି କହିଥିଲେ ଯେ, ଆମର ନୂତନ ପିଢିଙ୍କ ଦାୟିତ୍ୱ ଆମ ହାତରେ। ଦାୟିତ୍ୱ ନେଇ ପିଲାଙ୍କୁ ଶୀର୍ଷରେ ପହଁଚାଇବାକୁ ପଡିବ । ଯୋଗ୍ୟତା, ମାତୃଭାଷା ସହିତ ସବୁଥିରେ ମୂଳ ସହିତ ଚେର ଭଳି ଯୋଡ଼ିହୋଇ ରହିବାକୁ ପଡିବ । ମଜଭୁତ ନାଗରିକ ହିଁ ଦେଶର ଦାୟିତ୍ୱ ନେଇପାରିବ । ଦିଗବଳୟର ଅନ୍ତିମ ସୀମାଠାରୁ ଆହୁରି ଆଗକୁ ଦେଖିବାକୁ ପଡିବ। ଆମେ ସନାତନ ଧର୍ମୀ। ଆମ ଭଗବାନ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଶ୍ୱନିୟନ୍ତା । ଇଂରାଜୀ ଗୋଟିଏ ବିଷୟ ଭାବେ ପଢାଯାଇପାରେ । କିନ୍ତୁ ଆମର ମାତୃଭାଷା ଓଡିଆକୁ ସମୃଦ୍ଧ କରିବାକୁ ହେବ । ଗଣିତ, ବିଜ୍ଞାନ ଆଦି ବିଷୟ କିପରି ଓଡିଶା ଭାଷା ମାଧ୍ୟମରେ ପଢାଯିବ, ସେଥିପାଇଁ ଉଦ୍ୟମ ହେବା ଉଚିତ । ପାଠ ପଢାଇବା ସହିତ ଯୋଗ୍ୟତାକୁ ମଧ୍ୟ ବଢାଇବାକୁ ପଡିବ । ଆଜି ଟେକ୍‌ନୋଲୋଜି ଯେଉଁ ସ୍ତରରେ ପହଁଚିଲାଣି, ପୃଥିବୀର ବିଭିନ୍ନ ଜ୍ଞାନକୁ ମଙ୍ଗଳପୁର ଭଳି ଗ୍ରାମକୁ ଆଣିବାର ବ୍ୟବସ୍ଥା ହୋଇଛି। ଆମର ପାଠ କେବଳ ସାର୍ଟିଫିକେଟ ଓ ଡିଗ୍ରୀ ମଧ୍ୟରେ ସୀମିତ ନୁହେଁ। ଡିଗ୍ରୀ ସାର୍ଟିଫିକେଟ ହାସଲ ସହ ଯୋଗ୍ୟତା ଓ ପାରଙ୍ଗମତାକୁ ମଧ୍ୟ ଅଧିକ ଧ୍ୟାନ ଦେବାକୁ ପଡିବ । ଢେଙ୍କାନାଳ ଜିଲାରେ ବିଭିନ୍ନ ହାଇସ୍କୁଲରେ ଯେଉଁଠି ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଛନ୍ତି, ଶିକ୍ଷାନୀତିର ପ୍ରଥମ ପର୍ଯ୍ୟାୟ ଅନୁଯାୟୀ ତାଙ୍କୁ ଯୋଗ୍ୟତା ବନାଇବା ଜରୁରୀ । ଏ ବାବଦରେ ସମୀକ୍ଷା ହେବା ଆବଶ୍ୟକ ବୋଲି ମୁଁ ଜିଲାପାଳଙ୍କୁ ଜଣାଉଛି । ଢେଙ୍କାନାଳର ଲୋକମାନେ ଅତ୍ୟନ୍ତ ସୃଜନଶୀଳ, ଦାୟିତ୍ୱବାନ ଓ ସାହାସୀ । ବାତ୍ୟା 'ଦାନା'ର ପ୍ରଭାବ ଯେଉଁଠି ଲ୍ୟାଣ୍ଡଫଲ କଲା ସେଠାରେ ପ୍ରବଳ ଗଛ ଯୋଗୁ କମିଗଲା। ପରିବେଶ ଆଜି ଏକ ବୈଷୟିକ ସମସ୍ୟା ହୋଇଛି । ଆମେ ପରିବେଶକୁ ଦହନ କରୁଛେ । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି, ଗୋଟିଏ ଗଛ ନିଜ ମା'ଙ୍କ ନାମରେ ଲଗାଇବା ପାଇଁ । ଶିକ୍ଷା ହେଉଛି ସବୁ ସମସ୍ୟା ସମାଧାନର ଚାବିକାଠି । ୫୦ବର୍ଷ ତଳେ ଏହି ଅନୁଷ୍ଠାନକୁ ଗଢିତୋଳି ମଙ୍ଗଳପୁର ଗ୍ରାମବାସୀ ଶିକ୍ଷାର ବିକାଶ ପାଇଁ ପ୍ରୟାସ କରିଥିଲେ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ରୁଦ୍ର ନାରାୟଣ ପାଣି, ବିଦ୍ୟାଳୟର ଭବିଷ୍ୟତ କିପରି ସମୃଦ୍ଧ ହେବ, ସେଥିପାଇଁ ସମସ୍ତେ ଚିନ୍ତା କରିବା ସହ ଏହାର ସମାଧାନ କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ପ୍ରମୁଖ ଉଦବୋଧନ ଦେଇଥିଲେ। ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ସଭାପତି ସନାତନ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପ୍ରତିଷ୍ଠାନରେ ଯେଉଁମାନଙ୍କର ଅବଦାନ ଥିଲା ସ୍ୱର୍ଗତ ସତ୍ୟବାଦୀ ପରିଡା, ସ୍ୱର୍ଗତ କିର୍ତ୍ତନ ବେହେରା, ସ୍ୱର୍ଗତ ପରିକ୍ଷିତ ପରିଡା, ସ୍ୱର୍ଗତ ଜନ୍ମେଜୟ ପରିଡା, ସ୍ୱର୍ଗତ ଭ୍ରମରବର ପୃଷ୍ଟିଙ୍କୁ ମରଣୋତ୍ତର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ପରିବାର ସଦସ୍ୟମାନେ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ହୃଦାନନ୍ଦ ବରାଳଙ୍କ ସମେତ ପୂର୍ବତନ ପ୍ରଧାନ ଶିକ୍ଷକ ବଳରାମ ବରାଳ ଓ ଭଗବାନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଏକ ସ୍ମରଣିକା ସହିତ ଉର୍ମିଳା ଦେବୀଙ୍କ ଲିଖିତ ସ୍ମାର୍ଟ ସିଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର କାର୍ଯ୍ୟକାରୀ ସଭାପତି ନିରାକାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସରପଞ୍ଚ ଲିନା ଦାସ, ସମିତି ସଭ୍ୟ ପ୍ରଶାନ୍ତ ସାହୁ, ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ହର୍ଷବର୍ଦ୍ଧନ ସିଂହଦେଓ, ରାମଚନ୍ଦ୍ର ପାତ୍ର ଓ ସୁନିଲ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ । ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟ ଆୟୋଜିତ ହୋଇଥିବାରୁ ସେ ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

